# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 217 CUTTACK, MONDAY, FEBRUARY 13, 2017/MAGHA 24, 1938**


## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 27 ଜାନୁଆରୀ 2017

ସଂଖ୍ୟା 3225—RDM-LAA-JAJ-0003/2017-R&DM.—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଳି ବାମ ପାର୍ଶ୍ୱ କେନାଲର ସୁକିନ୍ଦା ଶାଖା କେନାଲର କୁମରଦା ମାଇନର ନିର୍ମାଣ ନିମନ୍ତେ ମୌଜା ବୋତଲୁଣ୍ଡା (ଅତିରିକ୍ତ), ଥାନା ସୁକିନ୍ଦା ନଂ. ୧୩୬, ତହସିଲ ସୁକିନ୍ଦା, ଜିଲ୍ଲା ଯାଜପୁରରେ ନିମ୍ନ ତଫସିଲମତେ ପ୍ରାୟ 2.35 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013ର ଧାରା 11(1)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ରେଙ୍ଗାଳି ଜଳସେଚନ ପ୍ରକଳ୍ପ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ ନଂ. ୨, ଡୁବୁରି ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଯାଜପୁର ।

୬ । ଜମିର ବିବରଣୀ —

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ସୁକିନ୍ଦା | ବୋତଲୁଣ୍ଡା (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୩.୧୨ ଏକର | ୨.୩୫ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା, ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ରେଙ୍ଗାଳି ଜଳସେଚନ ପ୍ରକଳ୍ପ, ସୁକିନ୍ଦା, ଜିଲ୍ଲା ଯାଜପୁରଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର 60 (ଷାଠିଏ) ଦିନ ମଧ୍ୟରେ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

LAND SCHEDULE

| Khata No. (1) | Plot No. (2) | Total area (3) (in acres) | Area to be acquired (4) (in acres) | Name of the Land Owner (5) |
|---|---|---|---|---|
| 476 | 3130 | 1.23 | 1.23 | Puspalata Deo, W/o Gajendra Deo & others |
| | 3131 | 0.90 | 0.90 | Puspalata Deo, W/o Gajendra Deo & others |
| | 3132 | 0.99 | 0.22 | Puspalata Deo, W/o Gajendra Deo & others |
| | | **Total** . . | **2.35** | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅଭୟ କୁମାର ନାୟକ**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 2087—173+20